# କେନ୍ଦ୍ରାପଡା ପୌରପରିଷଦ, କେନ୍ଦ୍ରାପଡା

**ପତ୍ର ସଂଖ୍ୟା** 7280 **ତାରିଖ** 5/11/23

<u>ପ୍ରସ୍ତାବ ପାଇଁ ଅନୁରୋଧ</u>

କେନ୍ଦ୍ରାପଡା ପୌରପରିଷଦ ଅନ୍ତର୍ଗତ ଓଡିଶୋ ସ୍ଥିତ ମାଇକ୍ରୋ କାମ୍ପୋଷ୍ଟିଙ୍ଗ ସେଣ୍ଟର ଓ କଜଳା ସ୍ଥିତ ମ୍ୟାଟେରିଆଲ ରିକଭରି ଫାସିଲିଟି ର କାର୍ଯ୍ୟକାରୀ ଓ ପରିଚାଳନା ନିମନ୍ତେ ଏନ. ୟୁ.ଏଲ .ଏମ ଯୋଜନା ଆନୁକୂଲ୍ୟରେ କେନ୍ଦ୍ରାପଡା ପୌରସଂସ୍ଥା ଦ୍ୱାରା ପଞ୍ଜୀକୃତ ସ୍ଥାନୀୟ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ / ତୃତୀୟ ଲିଙ୍ଗୀ ଗୋଷ୍ଠୀ ମାନଙ୍କ ଠାରୁ ନିମ୍ନ ଲିଖିତ ସର୍ତ୍ତ ଆଧାରରେ ପ୍ରସ୍ତାବ ମାନ ଆହ୍ୱାନ କରାଯାଉଛି ।

୧. ମୁଦଦିଆ ଲଫାଫା ରେ ଆବେଦନ ଫର୍ମ ଓ ଅନ୍ୟାନ୍ୟ ଦସ୍ତାବିଜ କୁ ପ୍ରସ୍ତାବ ତା ୧୭-୧୧-୨୦୨୩ ରିଖ ଅପରାହ୍ନ ୨ ଟା ସୁଦ୍ଧା କାର୍ଯ୍ୟ ନିର୍ବାହୀ ଅଧିକାରୀ, କେନ୍ଦ୍ରାପଡା ପୌରପରିଷଦ ଙ୍କ ନିକଟକୁ କୋରିୟର / ସ୍ପିଡ୍ ପୋଷ୍ଟ କିମ୍ବା ହାତରେ ପହଁଚିବା ଦରକାର ।

୨. ହସ୍ତଗତ ହୋଇଥିବା ପ୍ରସ୍ତାବ ସବୁ ଉପୋରକ୍ତ ଦିନ ଅପରାହ୍ନ ୪ ଟା ସମୟରେ ସମ୍ପୃକ୍ତ ସ୍ୱୟଂ ସହାୟିକା ଗୋଷ୍ଠୀ / ତୃତୀୟ ଲିଂଗି ଗୋଷ୍ଠୀ କିମ୍ବା ସେମାନଙ୍କ ପ୍ରତିନିଧି ଙ୍କ ଉପସ୍ଥିତି ରେ ଖୋଲା ଯିବ ।

୩. ଆବେଦନ କରିବା ପାଇଁ ପତ୍ର ସଂଲଗ୍ନ-୧ ରେ ସୂଚିତ କରାଗଲା ଯାହାକୁ ଜିଲ୍ଲା ୱେବ ପୋର୍ଟାଲ https://kendrapara.nic.in/ ରେ ଉପଲବ୍ଧ ହେବ ଓ ଏହାକୁ ଡାଉନଲୋଡ କରି ଇଚ୍ଛୁକ ଗୋଷ୍ଠୀ ତାଙ୍କ ପ୍ରସ୍ତାବ ସହିତ ଗୋଷ୍ଠୀ ପଞ୍ଜିକରଣ ପ୍ରମାଣ ପତ୍ର ଏବଂ ଆବଶ୍ୟକୀୟ ଦସ୍ତାବିଜ ତଥା ସମସ୍ତ ଆଧାର କାର୍ଡ ନକଲ / ପ୍ୟାନ କାର୍ଡ ନକଲ / ବ୍ୟାଙ୍କ ଆକାଉଣ୍ଟ ବାଲାନ୍ସ ସଂଲଗ୍ନ କରିବେ ।

୪. ସମ୍ପୃକ୍ତ ଗୋଷ୍ଠୀ ଟ ୧୦୦୦/- ଅମାନତ ରାଶି କାର୍ଯ୍ୟ ନିର୍ବାହୀ ଅଧିକାରୀ, କେନ୍ଦ୍ରାପଡା ପୌରପରିଷଦ ଙ୍କ ନାମରେ ଯେକୌଣସି ଜାତୀୟକରଣ ବ୍ୟାଙ୍କ ରୁ ବ୍ୟାଙ୍କଡ୍ରାଫ୍ଟ କରି ପ୍ରସ୍ତାବ ସହ ସଂଲଗ୍ନ କରିବେ, ଅନ୍ୟଥା ପ୍ରସ୍ତାବ କୁ ଗ୍ରହଣ କରାଯିବ ନାହିଁ ।

୫. ଚୟନ ପ୍ରକ୍ରିୟା ନିମନ୍ତେ ବ୍ୟକ୍ତିଗତ ସାକ୍ଷାତକାର ପାଇଁ ୪୦ ମାର୍କ, ବୃତ୍ତିଗତ ଦକ୍ଷତା ପାଇଁ ୨୦ ମାର୍କ, ବାସ୍ତବିକ କାର୍ଯ୍ୟ ଦକ୍ଷତା ପାଇଁ ୪୦ ମାର୍କ ରଖାଯାଇଅଛି । ସର୍ବାଧିକ ମାର୍କ ରଖିଥିବା ଗୋଷ୍ଠୀ ଙ୍କୁ କାର୍ଯ୍ୟାଦେଶ ମାଧମରେ ମାଇକ୍ରୋ କାମ୍ପୋଷ୍ଟିଙ୍ଗ ସେଣ୍ଟର ର କାର୍ଯ୍ୟକାରୀ ଓ ପରିଚାଳନା ଦାୟିତ୍ୱ ଦିଆଯିବ ଓ ସେମାନଙ୍କୁ ଏଥି ନିମନ୍ତେ ପ୍ରଶିକ୍ଷଣ ଦେବାକୁ ବ୍ୟବସ୍ଥା ଅଛି ।

୬. ଚୟନ ହୋଇଥିବା ଗୋଷ୍ଠୀ ଓଡିଶୋ ସ୍ଥିତ ମାଇକ୍ରୋ କାମ୍ପୋଷ୍ଟିଙ୍ଗ ସେଣ୍ଟର ପରିଚାଳନା ନିମନ୍ତେ ମାନବ ସମ୍ବଳ ଯଥା ୩ ଜଣ ମଜୁରିଆ, ଜଣେ ୱାଚମ୍ୟାନ କଜଳା ସ୍ଥିତ ମ୍ୟାଟେରିଆଲ ରିକଭରି ଫାସିଲିଟି ପାଇଁ ୫ ଜଣ ମଜୁରିଆ / rag picker/ waste picker ଯୋଗାଇଦେବେ ଓ ତତ ସହିତ ସେମାନଙ୍କର ଶିକ୍ଷାଗତ ଯୋଗ୍ୟତା ର ତାଲିକା ଓ ପ୍ରମାଣପତ୍ର ସହ ଆଧାର କାର୍ଡ ଦାଖଲ କରିବେ ।

୭. ଚୟନ ହୋଇଥିବା ଗୋଷ୍ଠୀ ମାଇକ୍ରୋ କାମ୍ପୋଷ୍ଟିଙ୍ଗ ସେଣ୍ଟର ଓ ମ୍ୟାଟେରିଆଲ ରିକଭରି ଫାସିଲିଟି ର କୌଣସି ଜିନିଷ ହଜିବା/ ସମ୍ପତ୍ତି ନଷ୍ଟ / ଅପବ୍ୟବହାର ନିମନ୍ତେ ଦାୟୀ ରହିବେ ।

୮. ପରିଚାଳନା କାର୍ଯ୍ୟ ସନ୍ତୋଷଜନକ ନହେଲେ ଚୟନ ହୋଇଥିବା ଗୋଷ୍ଠୀ ଙ୍କୁ ୧ ମାସ ନୋଟିସ ଦେଇ କାର୍ଯ୍ୟ ରୁ ନିବୃତ୍ତ କରିବା ନିମନ୍ତେ କ୍ଷମତା ନିର୍ବାହୀ ଅଧିକାରୀଙ୍କ ପାଖରେ ରହିବ ।

୯. ହସ୍ତଗତ ହୋଇଥିବା ଯେକୌଣସି ବା ସମସ୍ତ ପ୍ରସ୍ତାବ କୁ ନିମ୍ନ ସ୍ୱାକ୍ଷରକାରୀ କୌଣସି କାରଣ ନ ଦର୍ଶାଇ ଖାରଜ କରିପାରିବେ ।

ନିର୍ବାହୀ ଅଧିକାରୀ
କେନ୍ଦ୍ରାପଡା ପୌରପରିଷଦ

# କେନ୍ଦ୍ରାପଡା ପୌରପରିଷଦ, କେନ୍ଦ୍ରାପଡା

ଜ୍ଞାପକ ସଂଖ୍ୟା 7281 ତା 5/11/23

ଏହାର ଏକକିତା ନକଲ ସମ୍ମାନୀୟ ଜିଲ୍ଲାପାଳ, କେନ୍ଦ୍ରାପଡା / ପ୍ରକଳ୍ପ ନିର୍ଦ୍ଦେଶକ, DUDA କେନ୍ଦ୍ରାପଡା ଙ୍କ ଅବଗତି ନିମନ୍ତେ ଓ DIO, NiC, କେନ୍ଦ୍ରାପଡା ଙ୍କୁ District web portal https://kendrapada .nic.in / ରେ ଅପଲୋଡ଼ କରିବାକୁ ଅନୁରୋଧ କରାଗଲା ।

ନିର୍ବାହୀ ଅଧିକାରୀ
କେନ୍ଦ୍ରାପଡା ପୌରପରିଷଦ

ଜ୍ଞାପକ ସଂଖ୍ୟା 7282 ତା 5/11/23

ଏହାର ଏକକିତା ନକଲ I&PR ବିଭାଗ, ଭୁବନେଶ୍ୱର, ଓଡିଶା ଙ୍କ ଦ୍ୱାରା ଯେକୌଣସି ଏକ ଓଡ଼ିଆ ନିୟୁଜ ପେପର ରେ ଛାପିବାକୁ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ
କେନ୍ଦ୍ରାପଡା ପୌରପରିଷଦ

# କେନ୍ଦ୍ରାପଡା ପୌରପରିଷଦ, କେନ୍ଦ୍ରାପଡା

ସଂଲଗ୍ନ- ୧

# ଆବେଦନ ଫର୍ମ

| ସଂଖ୍ୟା | | ବିବରଣୀ |
|---|---|---|
| ୧ | ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ନାମ | |
| ୨ | ଠିକଣା | |
| ୩ | ୱାର୍ଡ ସଂଖ୍ୟା | |
| ୪ | ଗୋଷ୍ଠୀ ଗଠନ ତାରିଖ | |
| ୫ | ଗୋଷ୍ଠୀ ସଦସ୍ୟା ସଂଖ୍ୟା | |
| ୬ | ଶ୍ରେଣୀକାରଣ (GRADATION) ହୋଇଛି ? (ହଁ/ନାହିଁ) | |
| ୭ | କେଉଁ ବ୍ୟାଙ୍କ ରେ ଆକାଉଣ୍ଟ ଖୋଲା ହୋଇଛି ? | |
| ୮ | ବ୍ୟାଙ୍କ ଆକାଉଣ୍ଟ ସଂଖ୍ୟା | |
| ୯ | RF ପାଇଛନ୍ତି ? (ହଁ/ନାହିଁ) | |
| ୧୦ | ଗୋଷ୍ଠୀ ର ପୂର୍ବ କାର୍ଯ୍ୟକଳାପ (ଅଭିଜ୍ଞତା ର ସମୟସୀମା ) | |
| ୧୧ | ଗୋଷ୍ଠୀ MCC /MRF ର ପରିଚାଳନା ନେବାକୁ ଇଚ୍ଛୁକ କି ?(ହଁ/ନାହିଁ) | |
| ୧୨ | ସଭାପତି ଙ୍କ ନାମ | |
| ୧୩ | ସଭାପତି ଙ୍କ ଫୋନ ନମ୍ବର | |

ସେକ୍ରେଟେରୀଙ୍କ ହସ୍ତାକ୍ଷର
(ମୋହର ସହିତ)

ସଭାପତି ଙ୍କ ହସ୍ତାକ୍ଷର
(ମୋହର ସହିତ)